# All Odisha Union Bank Employees Association

( *Affiliated to* :- A.I.U.B.E.F. & B.E.F.I. through A.O.B.E.F. ), (*Date of Formation* :- 07.08.1977)
*Regd. No.* :- 1342/23.02.1981 of Indian Trade Union Act, 1926
*Regd. Office* :- C/o Union Bank of India, 38, Ashok Nagar, Near Raj Mahal Square, Bhubaneswar-751009
*Head Qrs* :- C/o Union Bank of India, Nayapalli Branch, Near Hotel Crown, Nayapalli, Bhubaneswar-751015
*e-mail* :- aoubea@gmail.com *MOBILE* :- President- 94372 72600, General Secretary- 94396 17325
Website : www.aoubea.org

===============================================================================

ପରିପତ୍ର ସଂଖ୍ୟା – ୧୪ ଭୁବନେଶ୍ୱର

ତାରିଖ ୦୬-୦୯-୨୦୧୯

ପ୍ରିୟ ସାଥିଗଣ,

ଗତ ସେପ୍ଟେମ୍ବର ୧ ତାରିଖରେ ହାଇଦ୍ରାବାଦ ଠାରେ ଆମ ସର୍ବ ଭାରତୀୟ ସଂଗଠନ **AIUBEF** ର ସେଣ୍ଟ୍ରାଲ ଏକ୍ସକ୍ୟୁଟିଭି ବଡିର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକ ରେ କେତୋଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି। ବିଶେଷ କରି କେନ୍ଦ୍ର ଅର୍ଥମନ୍ତ୍ରୀ ଙ୍କ ଦ୍ୱାରା ଘୋଷଣା ଅନୁଯାୟୀ ଜାତୀୟକରଣ ବ୍ୟାଙ୍କ ମାନଙ୍କ ମଧ୍ୟରେ ମିଶ୍ରଣ ତଥା ବିଲୟ ହେବା କୁ ଯାଉଛି। କେନ୍ଦ୍ର ସରକାରଙ୍କ ଏହି ଦେଶ ବିରୋଧୀ ଓ ଜନ ବିରୋଧୀ ନିଷ୍ପତିକୁ ପ୍ରଥମରୁ ଆମ ଫେଡେରେସନ ଓ ଆମ ରାଜ୍ୟ ସଂଗଠନ ବିରୋଧ କରି ଆସୁଛି। କାରଣ ଏହି ମିଶ୍ରଣ/ବିଲୟ ପ୍ରକ୍ରିୟା ଦ୍ୱାରା ଦେଶର ଅର୍ଥନୀତି ର ମେରୁଦଣ୍ଡ କୁହାଯାଉଥିବା ବ୍ୟାଙ୍କ ଶିଳ୍ପ ର ଅସ୍ତିତ୍ୱ ଉପରେ ଗଭୀର ନକାରାତ୍ମକ ପ୍ରଭାବ ପଡ଼ିବ। ତେଣୁ ବର୍ତ୍ତମାନ ପରିସ୍ଥିତିରେ ଏହାକୁ ତୀବ୍ର ଭାବରେ ବିରୋଧ କରିବାର ଆବଶ୍ୟକତା ଅଛି। ଯେହେତୁ ଏହି ମିଶ୍ରଣ/ବିଲୟ ପ୍ରକ୍ରିୟା ଆସନ୍ତା ୯ ତାରିଖ ବୋର୍ଡ ମିଟିଂ ରେ ପାରିତ ହେବାକୁ ଯାଉଛି,ତେଣୁ ଆମ ଫେଡେରେସନ ର ସାଧାରଣ ସମ୍ପାଦକ ଉକ୍ତ ୯ ତାରିଖ କୁ କଳା ଦିବସ ଭାବେ ପାଳନ କରିବା ସହିତ ସେହି ଦିନରେ ସମସ୍ତ ସାଥି କଳା ବ୍ୟାଜ ପରିଧାନ କରିବା ପାଇଁ , ସମସ୍ତ ରିଜିଓନାଲ ଓ ଜୋନାଲ ଅଫିସ ସନ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ଫେଡେରେସନ ସରକୁଲାର ସଂଖ୍ୟା- ୯୭,ତାରିଖ ୦୪.୦୯.୨୦୧୯ ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। <u>କିନ୍ତୁ ଆମ ରାଜ୍ୟରେ ସେପ୍ଟେମ୍ବର ୯ ତାରିଖ (ମହରମ୍ ପାଇଁ ) ଛୁଟି ଦିନ ପଡୁଥିବାରୁ ତାର ପର ଦିନ ଅର୍ଥାତ ସେପ୍ଟେମ୍ବର ୧୦ ତାରିଖ ଦିନ ଆମ ରାଜ୍ୟ ସଂଗଠନ ତରଫରୁ କଳା ଦିବସ ପାଳନ କରାଯିବ।</u> ସମସ୍ତ ସାଥୀ ମାନେ ଉକ୍ତ ଦିନ କଳାବ୍ୟାଜ ପରିଧାନ କରିବେ। ଭୁବନେଶ୍ୱର ଓ ସମ୍ବଲପୁର ରିଜିଓନାଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ।

ତେଣୁ ଆପଣ ମାନଙ୍କୁ ଅନୁରୋଧ କରାଯାଉଛି ଯେ ସେପ୍ଟେମ୍ବର ୧୦ ତାରିଖ ଦିନ ଆପଣ ମାନେ ନିଜ ଶାଖାରେ କଳା ବ୍ୟାଜ ପରିଧାନ କରିବା ସହିତ ସଂଧ୍ୟା ୫.୧୫ ମିନିଟ ସମୟରେ ଭୁବନେଶ୍ୱର ଓ ସମ୍ବଲପୁର ରିଜିଓନାଲ୍ ଅଫିସ ସମ୍ମୁଖରେ ହେବାକୁ ଥିବା ବିକ୍ଷୋଭ ପ୍ରଦର୍ଶନ ରେ ବହୁ ସଂଖ୍ୟାରେ ଯୋଗ ଦେଇ ବିକ୍ଷୋଭ କୁ ସଫଳ କରିବା ହେବେ।

ସଂଗ୍ରାମୀ ଅଭିନନ୍ଦନ ସହ ।

ଅଜୟ କୁମାର ମହାନ୍ତି
ସାଧାରଣ ସମ୍ପାଦକ